Gramin Krishi Mausam Sewa

India Meteorological Department

Odisha University of Agriculture and Technology

Bhubaneswar -751 003

Dr.T.R Mohanty
Nodal Officer

ସପ୍ତାହ –୪୮

ନ.- ୨୦୩୯ (ଓଡିଆ ବୁଲେଟିନ)
ତାରିଖ-୦୧.୧୨.୨୦୨୩

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପ ବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟ ନିର୍ଦ୍ଦେଶାଳୟ)

## ବିଶେଷ ସୂଚନା

- ବର୍ଷା କୁ ଆଖି ଆଗରେ ରଖି ଧାନ ୮୦ - ୮୫ % ପାଚି ଯାଇଥିଲେ ଅମଳ କରିଦିଅନ୍ତୁ ।
- ଅମଳ ହୋଇଥିବା ଫସଲ କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ ।
- କଟା ଧାନ ଅମଳ ସମ୍ଭବ ନ ହେଲେ ପୋଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ ।
- ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ ।
- ଅମଳ ହୋଇଥିବା ଧାନ କୁ ବିଲ ରେ ଛାଡନ୍ତୁ ନାହିଁ।
- ଧାନ ଗଛ ପାଇଯାଇଥିଲେ ବର୍ଷା ପରେ ହଳା କରି ଟେକନ୍ତୁ।
- ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ Metalaxyl + Mancozeb ଓ ୧.୫ ଗ୍ରାମ Streptocycline କୁ ମିଶାଇ ଏହି ଦ୍ରବଣ କୁ ଝରା ସାହାର୍ଯ୍ୟ ରେ ମାଟି କୁ ଭିଜାନ୍ତୁ।
- କୀଟନାଶକ ଔଷଧ ସିଂଚନ ଓ ଜଳସେଚନ ସାମୟିକ ବନ୍ଦ ରଖନ୍ତୁ ।
- ପନିପରିବା ଫସଲର ତଳିଘେରାକୁ ବର୍ଷା ଦାଉରୁ ରକ୍ଷା କରିବାପାଇଁ ପୋଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ ।
- ସମସ୍ତ ରବି ଫସଲ ବୁଣାବୁଣିକୁ ସାମୟିକ ସ୍ଥଗିତ ରଖନ୍ତୁ ।
- ଶୀତ ଋତୁ ରେ ଅଧିକ ଥଣ୍ଡା ସମୟ ରେ ଗାଈ ଗୁହାଳ ରେ ପୋଲିଥିନ କିମ୍ବା ଅଖା ଦ୍ଵାରା ଆଚ୍ଛାଦିକାରଣ ବ୍ୟବସ୍ଥା କରନ୍ତୁ ।
- ଆଖୁ ଗଛ ନ ପଡିବା ପାଇଁ ୪ ରୁ ୫ ଟି ଗଛ ର ପତ୍ର ଗୁଡିକୁ ଗୋଟିଆ ସ୍ଥାନ ରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ ।

| ଫସଲ | ଅବସ୍ଥା | ଫସଲ ଉପରେ ପ୍ରଭାବ | କୃଷି ଉପଦେଶ |
|---|---|---|---|
| ଧାନ | ପାଚିବା ଅବସ୍ଥା ଠାରୁ ଅମଳ ଅବସ୍ଥା | • ପ୍ରବଳ ବର୍ଷା ଯୋଗୁଁ ଧାନ ଗଛ ପଡି ଯିବାର ସମ୍ଭାବନା ଅଛି ।<br>• ବିଲ ରେ ପାଣି ଜମି ରହିବା ର ସମ୍ଭାବନା ଅଛି ।<br>• ଧାନ ଗଜା ହୋଇଯିବା ର ସମ୍ଭାବନା ଅଛି ।<br>• ବର୍ଷା ଛାଡି ଗଲା ପରେ କେଣ୍ଡା କଟା ପୋକର ଲାଗିବା ର ସମ୍ଭାବନା ଅଛି । | • କଟା ହୋଇଯାଇଥିବା ଧାନ କୁ ବେଙ୍ଗଳା କରି ଦିଅନ୍ତୁ କିମ୍ବା ସମସ୍ତ କଟା ଧାନ ଅମଳ ସମ୍ଭବ ନ ହେଲେ ପୋଲିଥିନ ଘୋଡାଇ ସୁରକ୍ଷିତ ରଖନ୍ତୁ ।<br>• ଅମଳ ହୋଇଥିବା ଧାନ କୁ ବିଲ ରେ ଛାଡନ୍ତୁ ନାହିଁ।<br>• ଧାନ ଗଛ ପଡି ଯାଇଥିଲେ ବର୍ଷା ପରେ ହଳା କରି ଟେକନ୍ତୁ।<br>• ବର୍ଷା ଛାଡି ଖରା ପାଗ ହୋଇଗଲା ପରେ କେଣ୍ଡା କଟା ପୋକର ଲାଗିବା ର ସମ୍ଭାବନା ଅଛି । ଏହାର ନିୟନ୍ତ୍ରଣ କରିବା ପାଇଁ ସନ୍ଧ୍ୟା ସମୟରେ ପ୍ରତି ଲିଟର ପାଣିରେ ୧.୫-ମି.ଲି ହିସାବ ରେ Lambda-cyhalothrin କିମ୍ବା ୨ ମିଲି ହିସାବ ରେ (Chlorpyriphos + Cypermethrin) ସିଂଚନ କରନ୍ତୁ । ପୋକ ଗଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ଉପରବେଳା କିମ୍ବା ସନ୍ଧ୍ୟା ସମୟସର ସିଂଚନ କରନ୍ତୁ । |

| | | | |
|---|---|---|---|
| ଆଖୁ | ଅମଳ ଅବସ୍ଥା | • ପ୍ରବଳ ବର୍ଷା ଯୋଗୁଁ ଆଖୁ ଗଛ ପଡି ଯିବାର ସମ୍ଭାବନା ଅଛି ।<br>• ମୂଳସଢା ହେବାର ସମ୍ଭାବନା ଅଛି । | • ଆଖୁ ଗଛ ନ ପଡିବା ପାଇଁ ୪ ରୁ ୫ ଟି ଗଛ ର ପତ୍ର ଗୁଡିକୁ ଗୋଟିଆ ସ୍ଥାନ ରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ । |
| ପନିପରିବା | ବୁଣା ଠାରୁ ଅମଳ ଅବସ୍ଥା | • ତଳି ଘେରା ନଷ୍ଟ ହେବାର ସମ୍ଭାବନା ଅଛି ।<br>• ପାଣି ଜମି ରହିବା ଯୋଗୁଁ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ।<br>• ଧୂଆଁପତ୍ର ଗୋଟି ପୋକ ଲାଗିବାର ସମ୍ଭାବନା ରହିଛି । | • ତଳି ଘେରାରେ ଧଳା ଜରି ଦେଇ ଘୋଡାଇ ଦିଅନ୍ତୁ ଓ ଜଳ ନିଷ୍କାସନ କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ।<br>• ବର୍ଷା ହେତୁ ଗଛ ପତ୍ର ମାଟିରେ ପୋତି ହୋଇଥିଲେ ପତ୍ର ଗୁଡିକୁ ଛିଣ୍ଡାଇ ଦିଅନ୍ତୁ।<br>• ଟମାଟୋ ଗଛ ରେ ଡେରା ଦିଅନ୍ତୁ ।<br>• ବର୍ଷା ପରେ ପନିପରିବା ଫସଲରେ ଝାଉଂଳା ଓ ମୂଳ ସଢା ଦେଖା ଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡି ଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ Metalaxyl + Mancozeb ଓ ୧.୫ ଗ୍ରାମ Streptocycline କୁ ମିଶାଇ ଫସଲ ମୂଳକୁ ସିଂଚନ କରନ୍ତୁ । |
| ବିରି | ଅମଳ ଅବସ୍ଥା | • ଫସଲ ନଷ୍ଟ ହେବାର ସମ୍ଭାବନା ଅଛି । | • ଅମଳ ଫସଲ କୁ ସୁରକ୍ଷିତ ସ୍ଥାନ ରେ ରଖନ୍ତୁ ।<br>• ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ । |
| ଚିନାବାଦାମ | ପ୍ରାରମ୍ଭିକ ଅବସ୍ଥା ଠାରୁ ବୁଣା ବୁଣି ଅବସ୍ଥା | • ବିଲ ରେ ପଣି ଜମି ରହିବା ହେତୁ ଫସଲ ନଷ୍ଟ ହେବାର ସମ୍ଭାବନା ଅଛି । | • ଚିନାବାଦାମ ର ବୁଣା ବୁଣି କାର୍ଯ୍ୟ ସାମୟିକ ବନ୍ଦ ରଖନ୍ତୁ ଓ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁ କୁ ଖୋଲା ରଖନ୍ତୁ । |
| କଦଳୀ | ଫଳ ଧରିବା ଅବସ୍ଥା | • କଦଳୀ ଗଛ ପଡି ଯିବାର ସମ୍ଭାବନା ରହିଛି ଓ ଅଧିକ ପବନ ରେ ପତ୍ର ଗୁଡିକ ଛିଣ୍ଡି ଯିବାର ସମ୍ଭାବନା ଅଛି । | • କଦଳୀ ଗଛ ନ ପଡିବା ପାଇଁ ୪ ରୁ ୫ ଟି ଗଛ ର ପତ୍ର ଗୁଡିକୁ ଗୋଟିଆ ସ୍ଥାନ ରେ ବାନ୍ଧି ରଖନ୍ତୁ ଓ ଡେରା ଦିଅନ୍ତୁ । |

**ତୁଷାର ରଞ୍ଜନ ମହାନ୍ତି**

**ନୋଡାଲ୍ ଅଫିସର,**
**ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି**
**ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା, QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

**ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।**

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)